بِسۡمِ اللّٰہِ الرَّحۡمٰنِ الرَّحِیۡمِ

১০ ଜୁଲାଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କର ଉଦାରତା ଓ ଦାନ କରିବାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ହଜରତ ଶେଖ୍ ୟାକୁବ୍ ଅଲୀ ସାହେବ ଇର୍‌ଫାନୀ[ର.ଅ] ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କ ଜୀବନୀ ବର୍ଣ୍ଣନା କରି ଲେଖନ୍ତି, ଯେ ହଜରତ ମସିହ ମଉଦ[ଅ.ସ]ଙ୍କ ଜୀବନରେ ଦାନ ଓ ଉଦାରତାର ଆଉ ଏକ ମହିମା ମଧ୍ୟ ଦେଖିବାକୁ ମିଳେ, ଯାହା ସୁପାରିଶର ରୂପ ଧାରଣ କରିଥାଏ । ଅନେକ ସମୟରେ ହୁଜୁର[ଅ.ସ]ଙ୍କ ନିକଟକୁ ଏଭଳି କୌଣସି ମାଗିବାବାଲା ଆସୁଥିଲେ, ଯାହାଙ୍କ ଆବଶ୍ୟକତା ପୂରଣ କରିବା ମହାଭାଗଙ୍କ ଅଧୀନରେ ନଥିଲା । ବରଂ ତାହା ଅନ୍ୟମାନଙ୍କ ସହିତ ଜଡ଼ିତ ଥିଲା, ଏପରି ସ୍ଥିତିରେ ମଧ୍ୟ ହୁଜୁର[ଅ.ସ] ନିୟମିତ ଭାବେ ତାଙ୍କର ହିତ ସକାଶେ ଏଭଳି ଲୋକମାନଙ୍କୁ ସୁପାରିଶ କରି ଦେଉଥିଲେ, ଯେଉଁମାନଙ୍କୁ ମହାଭାଗ ନିଜର କୌଣସି ବ୍ୟକ୍ତିଗତ ଆବଶ୍ୟକତା ପୂରଣ ପାଇଁ କେବେ କିଛି କହୁ ନଥିଲେ । ମିର୍ଜା ଇମାମୁଦ୍ଦିନ୍ ଏହି ଜମାଅତର ପରମ ଶତ୍ରୁ ଥିଲେ ଓ ହୁଜୁର[ଅ.ସ]ଙ୍କ ପରିବାର ସହିତ ମଧ୍ୟ ସେ ଶତ୍ରୁତା କରୁଥିଲେ । ତଥାପି ହଜରତ ମସିହ ମଉଦ[ଅ.ସ] ସାଂସାରିକ ବ୍ୟାପାରରେ ତାଙ୍କର ଶତ୍ରୁତାକୁ ସଦାସର୍ବଦା ଅଣଦେଖା କରି ଦେଉଥିଲେ । ଅର୍ଥାତ୍ ତାଙ୍କ ସହ ହୁଜୁର[ଅ.ସ] ସର୍ବଦା ସଦ୍ ବ୍ୟବହାର କରୁଥିଲେ । ସେ ଅନେକ ସମୟରେ ହଜରତ ମସିହ ମଉଦ[ଅ.ସ]ଙ୍କ ଠାରୁ ଆର୍ଥିକ ସାହାଯ୍ୟ ନେଉଥିଲେ ଏବଂ ଏହି ସମସ୍ତ ଉପକାର ସତ୍ତ୍ୱେ ବିରୋଧ କରିବାରେ ଲାଗି ରହୁଥିଲେ । ଏକଦା ସେ ଘୋଡ଼ା ବିକ୍ରି କରିବାକୁ ଚାହିଁଲେ ଓ ଏଥିପାଇଁ ସେ ସବୁଠାରୁ ଭଲ ସୁଯୋଗ ଏହା ମନେ କଲେ, ଯେ ସେହି ଘୋଡ଼ାକୁ ଜାମ୍ମୁ ନେଇଯିବେ ଏବଂ ହଜରତ **ହକିମୁଲ୍ ଉମ୍ମତ୍** ମୌଲବୀ ନୁରୁଦ୍ଦିନ୍ ସାହେବ ଜମାଅତର ପ୍ରଥମ ଖଲିଫାଙ୍କ ମାଧ୍ୟମରେ ଉପସ୍ଥାପନ କରିବେ । ଫଳତଃ ତାଙ୍କୁ ଏକ ଭଲ ରାଶି ମିଳିପାରିବ । ଏହି କଥାକୁ ମନରେ ରଖି ସେ ନିଜେ ହୁଜୁର[ଅ.ସ]ଙ୍କୁ ଅନୁରୋଧ କଲେ, ଯେ ହଜରତ ହକିମ୍ ନୁରୁଦ୍ଦିନ୍ ସାହେବଙ୍କ ନାମରେ ଏକ ସୁପାରିଶ ପତ୍ର ଲେଖିଦିଅନ୍ତୁ । ଅତଏବ ହୁଜୁର[ଅ.ସ] ତାଙ୍କର ଅନୁରୋଧ ରଦ୍ଦ କଲେ ନାହିଁ, ବରଂ ନିର୍ଦ୍ୱନ୍ଦରେ ପ୍ରଥମ ଖଲିଫାଙ୍କ ନାମରେ ଏକ ସୁପାରିଶ ପତ୍ର ଲେଖିଦେଲେ ।

ମିର୍ଜା ମୁହମ୍ମଦ ବେଗ୍ ଯିଏକି ହୋଶିଆରପୁରର ମିର୍ଜା ଅହମଦ ବେଗ୍‌ଙ୍କ ପୁତ୍ର ଥିଲେ, ତାଙ୍କର ପରିବାର ପରମ ବିଧର୍ମୀ ଓ ଜମାଅତର ଘୋର ଶତ୍ରୁ ହେବା ଯୋଗୁଁ ତାଙ୍କ ପରିବାର ସହିତ ହୁଜୁର[ଅ.ସ]ଙ୍କ ସମ୍ପର୍କ ଭଲ ନଥିଲା । ମିର୍ଜା ମୁହମ୍ମଦ ବେଗ୍ ଜମ୍ମୁରେ ଚାକିରି କରିବାକୁ ଚାହିଁଲେ । ବସ୍ତୁତଃ ସେ ହୁଜୁର[ଅ.ସ]ଙ୍କୁ ଅନୁରୋଧ କଲେ ଯେ ମହାଭାଗ ହଜରତ ହକିମ୍ ନୁରୁଦ୍ଦିନ୍ ସାହେବଙ୍କ ନାମରେ ଏକ ସୁପାରିଶ ପତ୍ର ଦିଅନ୍ତୁ, ଯଦ୍ୱାରା ସେ ତାଙ୍କର ସାହାଯ୍ୟ କରିବେ । ଅତଃ ହୁଜୁର[ଅ.ସ] ବିନା ଦ୍ୱିଧାରେ ପତ୍ର ଲେଖିଦେଲେ, ଯେ ଯଦିଓ ତାଙ୍କ ପିତା ମୋ ପ୍ରତି ଶତ୍ରୁତା ରଖନ୍ତି । କିନ୍ତୁ କିଛି ଅସୁବିଧା ନାହିଁ, ତାଙ୍କର କଠୋରତା ବଦଳରେ କୋମଳତା ଆପଣେଇ **ଇଦ୍‌ଫା ବିଲ୍‌ଲତୀ ହିୟା ଅହ୍‌ସନ୍** (ଅର୍ଥାତ୍ ମନ୍ଦକୁ ଉତ୍ତମ ଆଚରଣ ଦ୍ୱାରା ଦୂର କର) ଅନ୍ତର୍ଗତ ତାଙ୍କୁ ସାହାଯ୍ୟ କରି ପୁଣ୍ୟ ଅର୍ଜନ

କରାଯାଉ । ସୁତରାଂ (ହୁଜୁର[ଅ.ସ] ପତ୍ର ଲେଖିଥିଲେ ଯେ) ପୋଲିସ୍ ବିଭାଗରେ ଚାକିରି କରିବାରେ ତାଙ୍କର ସହାୟତା କରି ଦିଅନ୍ତୁ ।

ହଜରତ ଶେଖ୍ ୟାକୁବ୍ ଅଲୀ ସାହେବ ଇରଫାନୀ[ର.ଅ] ବର୍ଣ୍ଣନା କରନ୍ତି, କାଦିୟାନରେ ନିହାଲ ଚନ୍ଦ୍ର ନାମକ ଜଣେ ବ୍ରାହ୍ମଣ ବ୍ୟକ୍ତି ରହୁଥିଲା । ଯିଏ ନିଜ ଯୌବନ କାଳରେ ଜଣେ ପ୍ରସିଦ୍ଧ ମକଦ୍ଦମାକାରୀ ବ୍ୟକ୍ତି ଥିଲା ଏବଂ ସେ ହୁଜୁର[ଅ.ସ]ଙ୍କ ପରିବାର ସହିତ ସାଧାରଣତଃ ପ୍ରତିଦ୍ୱନ୍ଦ୍ୱିତା ଓ ଦୁଷ୍ଟାମୀ କରୁଥିଲା । ଜୀବନର ଶେଷ ପର୍ଯ୍ୟାୟରେ ତାଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇଗଲା, ଏପରିକି ଅନେକ ସମୟରେ ତାଙ୍କୁ ନିଜର ଦୈନନ୍ଦିନ ଆବଶ୍ୟକତା ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ସେ ଥରେ ହୁଜୁର[ଅ.ସ]ଙ୍କ ଦ୍ୱାରକୁ ଆସି ସାକ୍ଷାତ କରିବାର ଇଚ୍ଛା ପ୍ରକଟ କଲା ଏବଂ ନିଜର ଦୁଃଖ କାହାଣୀ ଶୁଣାଇଲେ । ପୁଣ୍ୟଶ୍ଳୋକ ତାଙ୍କୁ ସାନ୍ତ୍ୱନା ଦେଲେ ଓ ୨୫ଟଙ୍କା ପ୍ରଦାନ କଲେ । ଆଉ କହିଲେ; ଯେତେବେଳେ ବି ଆବଶ୍ୟକତା ପଡିବ ମୋତେ ଜଣାଇବ । ଏହା ପରେ ତାର ଏହା ଅଭ୍ୟାସ ପାଲଟି ଗଲା ଓ ସେ ପ୍ରତି ମାସରେ କିମ୍ବା ଦୁଇ ମାସରେ ଆସୁଥିଲା ଏବଂ ଏକ ଭଲ ଅର୍ଥରାଶି ମହାଭାଗଙ୍କ ଠାରୁ ନେଇ ଯାଉଥିଲା । ଏକଦା ସେ ପ୍ରଥମ ଖଲିଫାଙ୍କ ଠାରୁ ମଧ୍ୟ କିଛି କରଜ ନେଇଗଲା । ଯେତେବେଳେ ହୁଜୁର[ର.ଅ] ଟଙ୍କା ଫେରସ୍ତ ମାଗିଲେ ସେ କହିଲା; ମିର୍ଜାଜୀ ତ ମୋତେ ସବୁବେଳେ ଟଙ୍କା ଦିଅନ୍ତି ଏବଂ ସେଥିରେ ମୋର ଗୁଜୁରାଣ ମେଣ୍ଟେ । ଆଉ ସେ କେବେ ବି ଟଙ୍କା ଫେରସ୍ତ ମାଗି ନାହାନ୍ତି । ତେଣୁ ହୁଜୁର[ର.ଅ] ମଧ୍ୟ ତାକୁ ଛାଡ଼ି ଦେଲେ ଅର୍ଥାତ୍ ଟଙ୍କା ମାଗିଲେ ନାହିଁ ।

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଉଲ୍ଲେଖ କରନ୍ତି, ପାଦ୍ରୀ ୱାଲ୍ଟର ସାହେବ ଏମ୍.ଏ ଯିଏକି YMCAର ସେକ୍ରେଟେରୀ ଥିଲେ । ସେ ନିଜ ପୁସ୍ତକରେ ହଜରତ ମସିହ ମଉଦ[ଅ.ସ]ଙ୍କ ସମ୍ବନ୍ଧରେ ମତ ବ୍ୟକ୍ତ କରିଛନ୍ତି, ଯେ ମିର୍ଜା ସାହେବ ନିଜର ଅଭ୍ୟାସରେ ସରଳ ଓ ଉଦାର ମନୋଭାବ ସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କର ନୈତିକ ସାହସ ଯାହା ସେ ନିଜ ବିରୋଧୀମାନଙ୍କ ପକ୍ଷରୁ ହେଉଥିବା ଘୋର ବିରୋଧ ଓ ନିର୍ଯ୍ୟାତନା ବିରୁଦ୍ଧରେ ପ୍ରଦର୍ଶନ କରିଥିଲେ, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । କେବଳ ଏକ ଚୁମ୍ବକୀୟ ଆକର୍ଷଣ ଓ ଅତ୍ୟନ୍ତ ଆନନ୍ଦଦାୟକ ଚରିତ୍ର ବିଶିଷ୍ଟ ବ୍ୟକ୍ତି ହିଁ ଏଭଳି ଲୋକମାନଙ୍କର ବନ୍ଧୁତା ଓ ବିଶ୍ୱାସ୍ତତା ଲାଭ କରିପାରିବ । ଯେଉଁମାନଙ୍କ ମଧ୍ୟରୁ ଅତି କମ୍‌ରେ ଦୁଇଜଣ ଆଫଗାନିସ୍ତାନରେ ନିଜ ବିଶ୍ୱାସ କାରଣରୁ ପ୍ରାଣବଳୀ ଦେଇଦେଲେ, ମାତ୍ର ମିର୍ଜା ସାହେବଙ୍କ ଆନୁଗତ୍ୟ ଛାଡ଼ିବାକୁ ସ୍ୱୀକାର କଲେ ନାହିଁ । ମୁଁ ଯେତେବେଳେ କିଛି ପୁରୁଣା ଅହମଦୀମାନଙ୍କୁ ତାଙ୍କର ଅହମଦୀ ହେବାର କାରଣ ପଚାରିଲି, **ସେତେବେଳେ ଅଧିକାଂଶ ଅହମଦୀ ସବୁଠାରୁ ବଡ କାରଣ ମିର୍ଜା ସାହେବଙ୍କ ବ୍ୟକ୍ତିଗତ ପ୍ରଭାବ ଓ ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ହିଁ ଦର୍ଶାଇଥିଲେ ।**

ହଜରତ ମସିହ ମଉଦ[ଅ.ସ] ଯାହାକିଛି କାହାକୁ ଦେଉଥିଲେ, ତାହା କୌଣସି ଲୋକଦେଖାଣିଆ ଉଦ୍ଦେଶ୍ୟରେ ନଥିଲା, ବରଂ କେବଳ ଅଲ୍ଲାଃତାଲାଙ୍କ ସନ୍ତୁଷ୍ଟି ପାଇଁ ଏବଂ ଈଶ୍ୱରଙ୍କ ସୃଷ୍ଟି ପ୍ରତି ଦୟାଭାବ ଦୃଷ୍ଟିକୋଣରୁ ଦେଉଥିଲେ । ସେଥିପାଇଁ ମହାଭାଗ ଅତି ଗୁପ୍ତ ଭାବରେ ଦାନ କରୁଥିଲେ ଓ କେବେ କେବେ ଅନ୍ୟମାନଙ୍କୁ ଏକ ବ୍ୟବହାରିକ ଶିକ୍ଷା ଦେବା ପାଇଁ ପ୍ରକାଶ୍ୟରେ ମଧ୍ୟ କରୁଥିଲେ । ହୁଜୁର[ଅ.ସ]ଙ୍କର ଅଭ୍ୟାସରେ ଏହା ଥିଲା, ଯେ ସେ କୌଣସି ବ୍ୟକ୍ତିର କଥାକୁ ପ୍ରତ୍ୟାଖ୍ୟାନ କରୁ ନଥିଲେ ଓ ଏହା ମଧ୍ୟ ତାଙ୍କର ନିୟମ ଥିଲା, ଯେ କେତେକ ଲୋକଙ୍କର ଆବଶ୍ୟକତାକୁ ଅନୁଭବ କରି ସେମାନେ କିଛି ମାଗିବା ପୂର୍ବରୁ ହିଁ ତାଙ୍କୁ ସାହାଯ୍ୟ କରି ଦେଉଥିଲେ । ୧୯୦୪ ମସିହାରେ ଥରେ ହୁଜୁର[ଅ.ସ] ଜଣେ ନିଷ୍ଠାପର ପ୍ରବାସୀଙ୍କୁ କିଛି ଟଙ୍କା ଦେଲି ଓ କହିଲି; ଶୀତଦିନ ଆସିଯାଇଛି, ଆପଣଙ୍କୁ (ଗରମ) ପୋଷାକର ଆବଶ୍ୟକତା ଥିବ । ଯଦିଓ ତାଙ୍କ ପକ୍ଷରୁ କୌଣସି ଦାବି କିମ୍ବା ଅନୁରୋଧ ନଥିଲା । ତଥାପି ହଜରତ ମସିହ ମଉଦ[ଅ.ସ] ଅତ୍ୟନ୍ତ ଗୁପ୍ତ ଭାବରେ ଲୋକମାନଙ୍କୁ ଦାନ କରୁଥିଲେ । ସେଥିରେ ମହାଭାଗ ବନ୍ଧୁ କିମ୍ବା ଶତ୍ରୁର କୌଣସି ଫରକ କରୁଥିଲେ । ଶେଖ୍ ଫତେହ୍ ମୁହମ୍ମଦ ସାହେବ କୁହନ୍ତି; ଯେତେବେଳେ ବି ମୁଁ ହୁଜୁର[ଅ.ସ]ଙ୍କ ସେବାରେ ହାଜର ହେଉଥିଲି, **ମହାଭାଗ ସର୍ବଦା ମୋର ଗାଡ଼ି ଭଡା ଦେବା ପାଇଁ ପ୍ରସ୍ତୁତ ରହୁଥିଲେ ।** ଯଦିଓ

ମୋର କୌଣସି ଆବଶ୍ୟକତା ନଥିଲା, ତଥାପି ପୁଣ୍ୟଶ୍ଳୋକଙ୍କ ଉଦାରତା ଏତେ ମହାନ ଥିଲା, ଯେ ମହାଭାଗ ବିନା କିଛି ପଚାରି ସବୁବେଳେ ଟଙ୍କା ବଢ଼ାଇ ଦେଉଥିଲେ । ଆଉ ଏହି ବ୍ୟବହାର କେବଳ ମୋ ସହିତ ନଥିଲା, ବରଂ ଅଧିକାଂଶ ଲୋକଙ୍କୁ ସେ ଏପରି ଦେଉଥିଲେ । ସିରିୟା ଓ ଆରବ ଦେଶରୁ କିଛି ଲୋକ ଆସିଥିଲେ ଏବଂ ହୁଜୁର[ଅ.ସ] ସେମାନଙ୍କୁ ଅନେକ ସମୟରେ ଯାତ୍ରା ଖର୍ଚ୍ଚ ବାବଦକୁ ବହୁତ ବଡ ରାଶି ଦେଇ ଦେଉଥିଲେ । କାରଣ ସେମାନେ ବହୁ ଦୂର ଦେଶରୁ ଆସୁଥିଲେ । ଅନେକ ସମୟରେ ଲୋକମାନେ ସାମ୍ନାରେ କିଛି ନମାଗି ପତ୍ର ଲେଖି ଦେଉଥିଲେ ଏବଂ ସେ କିଛି ମାଗିଛି ବୋଲି ଅନ୍ୟ କାହାରିକୁ ଜଣା ପଡୁ ନଥିଲା । ମାତ୍ର ଯେତେବେଳେ ହୁଜୁର[ଅ.ସ] ଭିତରୁ ସେହି ବ୍ୟକ୍ତି ପାଇଁ କିଛି ପଠାଉ ଥିଲେ, ସେତେବେଳେ ଯାଇ ଜଣା ପଡୁଥିଲା ଅଥବା କେବେ କେବେ ଭିତରକୁ ଯିବା ସମୟରେ ପୁଣ୍ୟଶ୍ଳୋକ କହି ଯାଉଥିଲେ ଯେ 'ତୁମେ ବସ, ମୁଁ ଆସୁଛି' । ଆଉ ଯେତେବେଳେ ହୁଜୁର ଫେରୁଥିଲେ ସେତେବେଳେ ଯାଇ ଜଣା ପଡୁଥିଲା, ଯେ ମହାଭାଗ ସେହି ବ୍ୟକ୍ତି ପାଇଁ ତାଙ୍କର ତଲବ କରିଥିବା ଆବଶ୍ୟକ ଜିନିଷ ଯଥା ନଗଦ ଟଙ୍କା କିମ୍ବା ପୋଷାକ ନେଇ ଆସୁଛନ୍ତି ।

ହଜରତ ମସିହ ମଉଦ[ଅ.ସ] (ଅବତାରତ୍ୱର) ଦାବି କରିବା ପୂର୍ବରୁ ନିଜ ଭାଇଙ୍କ ବିବାହ ଅବସରରେ କିଛି ଛେଳି ମଗାଇ ଥିଲେ, ଯାହାକୁ ନଙ୍ଗଳ ବାଗବାନ୍‌ର ଜଣେ ବ୍ୟକ୍ତି ଚରାଉ ଥିଲା । ଦିନେ ହୁଜୁର[ଅ.ସ] ଭ୍ରମଣ କରିବାକୁ ଯାଉଥିଲେ, ବାଟରେ ସେହି ବ୍ୟକ୍ତିକୁ ଦେଖିଲେ । ତାହା ସହିତ ତା'ର ପୁତ୍ର ମଧ୍ୟ ଥିଲା, ହୁଜୁର[ଅ.ସ] ତାକୁ କହିଲେ; ମିଆଁ ତୁମେ ଖାଲି ପାଦରେ ବୁଲୁଛ, ତୁମ ପାଦରେ କଣ୍ଟା ଫୁଟୁ ନାହିଁ ? ସେ ଉତ୍ତର ଦେଲା ହୁଜୁର ! ମୋ ପାଖରେ ଜୋତା ନାହିଁ । **ତହୁଁ ହୁଜୁର[ଅ.ସ] ନିଜ ଜୋତା ତାକୁ ପିନ୍ଧାଇ ଦେଲେ** । ସେ ମନା କରିବା ସତ୍ତ୍ୱେ ହୁଜୁର[ଅ.ସ] କହିଲେ; ନା ! ଏହାକୁ ତୁମେ ବ୍ୟବହାର କର । ତା'ପରେ ମହାଭାଗ ଖାଲି ପାଦରେ ଘରକୁ ଫେରି ଆସିଲେ, ସେତେବେଳେ ଆପଣଙ୍କ ବୟସ କୋଡ଼ିଏ କିମ୍ବା ତିରିଶ ବର୍ଷ ଥିଲା ।

ହଜରତ ମସିହ ମଉଦ[ଅ.ସ] ନିଜର ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ]ଙ୍କ ପଦାଙ୍କ ଅନୁସରଣ କରି ଦାନ ଓ ଉଦାରତାର ପ୍ରତୀକ ଥିଲେ । ତଥାପି କେତେକ ସମୟରେ ଆମକୁ ଏହା ମଧ୍ୟ ଦେଖିବାକୁ ମିଳେ ଯେ କୌଣସି ବିଶେଷ ଜ୍ଞାନ ଓ ଉଦ୍ଦେଶ୍ୟ କାରଣରୁ ହୁଜୁର ମାଗିବା ବାଲାକୁ ଦେବାରୁ ବିରତ ରହିଛନ୍ତି । ଶେଖ୍ ଯାକୁବ୍ ଅଲୀ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି, ୧୮୮୯ ମସିହାରେ ମହାଭାଗ ଲୁଧିୟାନାରେ ଥିଲେ । ମହାଭାଗଙ୍କ ନିକଟକୁ ଜଣେ ଭିକାରୀ ଆସିଲା ଓ କହିଲା; ମୋର ଜଣେ ଆତ୍ମୀୟ ମରି ଯାଇଛି ଏବଂ ମୋ ପାଖରେ **କଫନ୍ ଓ କବର୍** ଦେବା ପାଇଁ କିଛି ନାହିଁ । ଏଥିରେ ହୁଜୁର[ଅ.ସ] କାଜି ଖ୍ୱାଜା ଅଲୀ ସାହେବ[ର.ଅ]ଙ୍କୁ କହିଲେ; 'ତାହା ସହିତ ଯାଇ କଫନ୍‌ର ବ୍ୟବସ୍ଥା କରିଦିଅ ।' ସାଧାରଣତଃ ହୁଜୁର[ଅ.ସ]ଙ୍କର ଏହି ଅଭ୍ୟାସ ନଥିଲା, ବରଂ ସେ ମାଗୁଥିବା ବ୍ୟକ୍ତିକୁ ଟଙ୍କା ଦେଇ ଦିଅନ୍ତି । କିନ୍ତୁ ଏହି ସ୍ଥଳେ କାଜୀ ସାହେବଙ୍କୁ ତାହା ସହିତ ପଠାଇଲେ ଓ କିଛି ସମୟ ପରେ ସେ ହସି ହସି ଫେରିଲେ ଏବଂ ସୂଚନା ଦେଲେ, ଯେ ସେହି ବ୍ୟକ୍ତି ଜଣକ ମୋତେ ଅନୁରୋଧ ଓ ଖୋସାମତ କରିବା ଆରମ୍ଭ କଲା, ଯେ ଆପଣ ଆସନ୍ତୁ ନାହିଁ । ଯାହା ଦେବାର ଅଛି ଏଇଠି ଦେଇ ଦିଅନ୍ତୁ । ମୁଁ କହିଲି; ନା ମୋତେ ଆଦେଶ ଦିଆଯାଇଛି (ମୁଁ ତୁମ ସାଥିରେ ଯିବି) ତେବେ ସେ କହିଲା; ଆଜ୍ଞା ନା କେହି ମରିଛି, ନା କଫନ୍‌ର କୌଣସି ଆବଶ୍ୟକତା ଅଛି । ଏହା ମୋର ପେଶା (ବୃତ୍ତି), ଏବେ ମୋର ଗୁପ୍ତ କଥା ପ୍ରଘଟ କରନ୍ତୁ ନାହିଁ । ତା'ପରେ ସେ ଚାଲିଗଲା ।

ହୁଜୁର[ଅ.ସ] ପିଲାମାନଙ୍କର ଇଚ୍ଛା ଅନୁଯାୟୀ ମଧ୍ୟ ଦାନ କରୁଥିଲେ । ବିବି ରାନୀ ଅଜିଜାଃ ବେଗମ୍‌ଙ୍କ ମାତା (ଅର୍ଥାତ୍ ହକିମ୍ ମୁହମ୍ମଦ ଉମର୍ ସାହେବଙ୍କ ପତ୍ନୀ) କାଦିୟାନ୍ ନିବାସୀ ବର୍ଣ୍ଣନା କରନ୍ତି, ମୁଁ ୧୯୦୧ ମସିହାରେ ଚିଠି ମାଧ୍ୟମରେ ହଜରତ ମସିହ ମଉଦ[ଅ.ସ]ଙ୍କର **ବୈଅତ୍** (ଦିକ୍ଷା ଗ୍ରହଣ) କରିଥିଲି । ୧୯୦୨ ମସିହାରେ ଯେତେବେଳେ ମୁଁ କାଦିୟାନ ଆସିଲି, ମୋର ଛୋଟ ଝିଅ ମୋ ସହିତ ଥିଲା । ହୁଜୁର[ଅ.ସ] ସକାଳ ସମୟରେ ବଗିଚା ଆଡ଼କୁ ବୁଲିବାକୁ ଯାଉଥିଲେ । ମୁଁ ମଧ୍ୟ ଅନେକ ସମୟରେ ସାଙ୍ଗରେ ଯାଉଥିଲି । ଏକଦା ଯେତେବେଳେ ହୁଜୁର[ଅ.ସ] ଖାଦ୍ୟ ଗ୍ରହଣ କରୁଥିଲେ, ମୁଁ ସେଠାରେ ଆସି ପହଞ୍ଚିଲି । ମୋ ଝିଅ କାନ୍ଦିବା ଆରମ୍ଭ କଲା । ଏଥିରେ ହୁଜୁର[ଅ.ସ] ପଚାରିଲେ, ସେ

କ'ଣ କହୁଛି ? ମୁଁ ନିବେଦନ କଲି, ହୁଜୁର ! ସେ ରୁଟି ମାଗୁଛି । ମହାଭାଗ ତାକୁ ରୁଟି ଦେଇ ଦେଲେ କିନ୍ତୁ ସେ ଚୁପ ହେଲା ନାହିଁ । ପୁନଶ୍ଚ ମହାଭାଗ ପଚାରିଲେ ଏବେ କ'ଣ କହୁଛି ? ମୁଁ ଉତ୍ତର ଦେଲି ହୁଜୁର ! ସେ ସେହି ରୁଟି ମାଗୁଛି ଯାହା ଆପଣ ସେବନ କରୁଛନ୍ତି । ହୁଜୁର[ଅ.ସ] ସେହି ରୁଟି ମଧ୍ୟ ଦେଇଦେଲେ ଯାହା ସ୍ୱୟଂ ସେବନ କରୁଥିଲେ, ଏପରି ମୋ ଝିଅ ଶାନ୍ତ ହୋଇ ଖାଇବାକୁ ଲାଗିଲା ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ **ଖୁତ୍‌ବା**ରେ ମୁଁ ଏକ ଘଟଣା ବର୍ଣ୍ଣନା କରିଥିଲି, ଯେ ଯେତେବେଳେ **ଲଙ୍ଗର୍** (ମୁକ୍ତ ରୋଷେଇ ଶାଳା)ର ଖର୍ଚ୍ଚ ବଢିଗଲା ସେତେବେଳେ ହୁଜୁର[ଅ.ସ] ହଜରତ ଅମ୍ମାଜାନ୍[ର.ଅ]ଙ୍କର ଅଳଙ୍କାର ବିକ୍ରି କରି ଖର୍ଚ୍ଚ ପୂରଣ କରିଥିଲେ । ଏହା ଉପରେ ଗତ ସପ୍ତାହରେ ମୋତେ କେହି ଜଣେ ପ୍ରଶ୍ନ କଲେ, କ'ଣ ଆବଶ୍ୟକତା ପଡିଲେ ପତ୍ନୀର ଅଳଙ୍କାର ସ୍ୱାମୀ ବ୍ୟବହାରରେ ଆଣିପାରିବ ଓ ତାହାକୁ ଖର୍ଚ୍ଚ କରିପାରିବ ? **ସ୍ପଷ୍ଟ ରହିଥାଉ ଯେ ହଜରତ ମସିହ ମଉଦ[ଅ.ସ] କରଜ ନେଉଥିଲେ ଓ ତାହା ଫେରସ୍ତ ମଧ୍ୟ କରୁଥିଲେ** । ଅତଏବ ଏହି ପରିପ୍ରେକ୍ଷୀରେ ଏକ ବର୍ଣ୍ଣନା ମଧ୍ୟ ଦରଜ ରହିଛି । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ହଜରତ ମସିହ ମଉଦ[ଅ.ସ] ହଜରତ ଅମ୍ମାଜାନ୍[ର.ଅ]ଙ୍କ ଠାରୁ ଟଙ୍କା କରଜ ନେଉଥିଲେ ଏବଂ ଗହମ କିଣି ଲଙ୍ଗରଖାନା ତଥା ଘର ଖର୍ଚ୍ଚ ପୂରଣ କରୁଥିଲେ । କାରଣ ବହୁତ ଖାଦ୍ୟ ହୁଜୁର[ଅ.ସ]ଙ୍କ ଘରେ ପ୍ରସ୍ତୁତ ହେଉଥିଲା । ପରବର୍ତ୍ତୀ ସମୟରେ ହୁଜୁର[ଅ.ସ] ଚୌଧରୀ ରୁସ୍ତମ୍ ଅଲୀ ସାହେବଙ୍କ ଠାରୁ ୫୦୦ଟଙ୍କା ମଗାଇଲେ ଓ ସେଥିରେ କିଛି ଘିଅ (ଟିଣ) ମଗାଇଲେ ଏବଂ (ବଳକା ଟଙ୍କାରେ) ହଜରତ ଅମ୍ମାଜାନ୍‌ଙ୍କ କରଜ ପରିଶୋଧ କଲେ ।

ଅନ୍ୟ ଏକ ଘଟଣା ଆହାରରେ କଲ୍ୟାଣ ପଡିବାର ବର୍ଣ୍ଣିତ ରହିଛି । ହଜରତ ମିଆଁ ଅବ୍ଦୁଲ୍ଲାଃ ସାହେବ ସନଓ୍ୱରୀ[ର.ଅ] କୁହନ୍ତି, ଏକଦା ହଜରତ ମସିହ ମଉଦ[ଅ.ସ] କିଛି ଅତିଥିମାନଙ୍କୁ (ଖାଇବାକୁ) ନିମନ୍ତ୍ରିତ କଲେ । କିନ୍ତୁ ଖାଇବା ସମୟରେ ଅତିରିକ୍ତ ସେତିକି ସଂଖ୍ୟକ ଅତିଥି ଚାଲି ଆସିଲେ । ଏଥିରେ ହଜରତ ଅମ୍ମାଜାନ୍[ର.ଅ] କହିଲେ; ଯଦିଚ କୌଶଳକ୍ରମେ ଖାଦ୍ୟ ଅତିଥିମାନଙ୍କ ପାଇଁ ହୋଇଯିବ, କିନ୍ତୁ **ଜର୍ଦା** (ମିଠାଭାତ) ନିଅଣ୍ଟ ପଡିବ । ତେଣୁ ମୋ ମତରେ ଜର୍ଦା ଅତିଥିମାନଙ୍କୁ ଦେବା ନାହିଁ । କିନ୍ତୁ ହୁଜୁର[ଅ.ସ] କହିଲେ; ନା ! ଏହା ଠିକ୍ ହେବ ନାହିଁ । ତୁମେ ଜର୍ଦାର ପାତ୍ର ମୋ ନିକଟକୁ ଆଣ । ବସ୍ତୁତଃ ହୁଜୁର[ଅ.ସ] ସେଥିରେ ରୁମାଲ୍ ଘୋଡ଼ାଇ ଦେଲେ ଓ ରୁମାଲ ତଳୁ ସ୍ୱହସ୍ତ ନେଇ ଜର୍ଦାରେ ପ୍ରବେଶ କରାଇଲେ । ତା'ପରେ କହିଲେ; ସମସ୍ତଙ୍କ ପାଇଁ ଖାଦ୍ୟ ପରସ । ସୁତରାଂ ସମସ୍ତ ଲୋକମାନେ ସେବନ କରିନେଲେ, ତଥାପି କିଛି ଜର୍ଦା ବଞ୍ଚି ରହିଲା । ତେବେ ଏହା ହୁଜୁର[ଅ.ସ]ଙ୍କ ଦାନ କରିବାର କିଛି ଘଟଣାବଳୀ ଥିଲା, ଯହିଁରେ ମହାଭାଗ ନିଜ ପ୍ରିୟ ମୁନିବଙ୍କ ଅନୁସରଣ କରି ଏପରି ନମୁନା ଉପସ୍ଥାପନ କରିଛନ୍ତି, ଯାହା ଦ୍ୱାରା ଆପଣା ଓ ପର, ଏପରିକି ଶତ୍ରୁମାନେ ମଧ୍ୟ ଉପକୃତ ହେଉଥିଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜଲ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

10th July 2026

*Translated to Odia by :* Moulavi Anwar Ahmad Khan